





ମା ଦୁର୍ଗାଙ୍କ ଧରାବତରଣ: ବାଲିଗୁଡା | ଛତ୍ରପୁର | ଶେରଗଡ



ଆସିକା



ବୁଗୁଡା



ଦାରିଙ୍ଗବାଡି



ଆର.ଉଦୟଗିରି

# ବରାଳ ଦେବୀଙ୍କ ମହାନବମୀ ଆଜି



ମା' ବରାଳଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

ଖଜୁରୀପଡ଼ା ୧୦/୧୦ ( ବିଦୁର ବେହେରା)

ଆଶ୍ୱିନ ମାସ ଶୁକ୍ଳପକ୍ଷ ନବମୀ ତିଥିରେ ବଲସକୁମ୍ପାସ୍ଥିତ ମା' ବରାଳ ଦେବୀଙ୍କ ଶକ୍ତି ପୀଠରେ ପାର୍ବଣ ନବମୀ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଶ୍ୱିନ ଶୁକ୍ଳପକ୍ଷ ଦ୍ୱିତୀୟା ରାତି ୯ଟା୨୫ରେ ମା'ଙ୍କ ରୀତିନୀତି ପରମ୍ପରା ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ ହୋଇ ଖଣ୍ଡା ବସା ହୋଇଛି। ଶୁକ୍ରବାର ମହାନବମୀ ସନ୍ଧ୍ୟା ୬ଟାରୁ ୯ଟା ମଧ୍ୟରେ ପୂଜା ହେବାକୁ ଧାର୍ଯ୍ୟ ହୋଇଛି । ଦୀର୍ଘ ୯ ଦିନ ଧରି ମା' ବିଭିନ୍ନ ରୂପରେ ଏହି ଶକ୍ତିପୀଠରେ ପୂଜା ପାଉଛନ୍ତି। ପୂଜା ଅବସରରେ ମନ୍ଦିର ପରିଚାଳନା କମିଟି ଏବଂ ପୂଜା କମିଟି ସବୁ ପ୍ରସ୍ତୁତି କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ରଙ୍ଗ ବେରଙ୍ଗ ଆଲୋକମାଳା, ତୋରଣରେ ମା'ଙ୍କ ଶକ୍ତିପୀଠ ଉତ୍ସବମୁଖର ହୋଇଉଠିଛି। ଶ୍ରଦ୍ଧାଳଙ୍କ ପାଇଁ ୪ଦିନ ଧରି ସାଂସ୍କୃତିକ ମେଲୋଡି ଓ ଭଜନ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। ନବମୀ ରାତିରେ ପୌରାଣିକ ନାଟକ ରାମାୟଣ ମଞ୍ଚସ୍ଥ ବ୍ୟବସ୍ଥା କରାଯାଇଛି।

# ଗ୍ରାମ ଦେବତା ବରଣ ସହ ଆରମ୍ଭ ହେଲା ସପ୍ତମୀ, ଅଷ୍ଟମୀ ପୂଜା

ଦାରିଙ୍ଗବାଡି, ୧୦।୧୦ (ଅରୁଣ ସାହୁ )

## ଦଶହରା ପାଇଁ ଦାରିଙ୍ଗବାଡ଼ି, ସିମନବାଡ଼ି ଉତ୍ସବମୁଖର

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଅଞ୍ଚଳ ଶାରଦୀୟ ପୂଜା ପାଇଁ ଉତ୍ସବମୁଖର ହୋଇପଡ଼ିଛି। ପ୍ରତି ଘରେ ପାର୍ବଣର ମହୋତ୍ସବ ଦେଖିବାକୁ ମିଳିଛି। ଦାରିଙ୍ଗବାଡି ଚାରିଛକଠାରେ ସପ୍ତମୀଠାରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ସିମନବାଡ଼ିଠାରେ ଗୁରୁବାର ଅଷ୍ଟମୀ ପୂଜା ଆରମ୍ଭ ହୋଇଛି। ଦାରିଙ୍ଗବାଡ଼ିରେ ବୁଧବାର ଅପରାହ୍ନରେ ବିରାଟ ପଟୁଆରରେ ଶିବମନ୍ଦିର ପୋଖରୀଠାରୁ ଇନ୍ଦ୍ରଦେବତାଙ୍କୁ ବରଣ କରାଯାଇ କଳସରେ ଜଳ ଉଠାଯାଇଥିଲା। ପରେ ଗ୍ରାମ ଦେବତା ମା'ପଙ୍ଗାଖଣ୍ଡାଙ୍କ ଅଜ୍ଞାମାଳ ନେଇ ଅସ୍ଥାୟୀ ଦୁର୍ଗା ମଣ୍ଡପଠାରେ ପହଞ୍ଚିବା ପରେ ସେଠାରେ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଜୀବନ୍ୟାସ ପ୍ରଦାନ କରାଯାଇଥିଲା। ସେହିପରି ଅଷ୍ଟମୀ ତିଥିରେ ମା'ଙ୍କ ହୋମଯଜ୍ଞ ସହ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀ ଏବଂ ଚନ୍ଦନ ତ୍ରିପାଠୀ। କରାଯାଇଥିଲା ଦାରିଙ୍ଗବାଡ଼ିରେ ମୁଖ୍ୟ ପୂଜକ ବୁଲୁ ତ୍ରିପାଠୀ ଏବଂ ଚନ୍ଦନ ତ୍ରିପାଠୀ। ଶୁକ୍ରବାର ଶନିବାର ଓ ରବିବାର ନବମୀ, ଦଶମୀ ପୂଜା କରାଯିବ ବୋଲି ମୁଖ୍ୟ ପୁରୋହିତ ବୁଲୁ କହିଛନ୍ତି। ସେହିପରି ସିମନବାଡ଼ିରେ ମଧ୍ୟ ଭାଇଚାରାରେ ଏହି ଯାତ୍ରା ପ୍ରତିବର୍ଷ ପାଳିତ ହୋଇଆସୁଛି। ଗୁରୁବାର ଗ୍ରାମ ଦେବତା ମା' ପଙ୍ଗାଖଣ୍ଡାଙ୍କ ନିକଟକୁ ବିରାଟ ପଟୁଆରରେ ଯାଇ ଆଜ୍ଞାମାଳ ଆଣିବା ପରେ ନିକଟସ୍ଥ ନଦୀରୁ ଜଳ କଳସ ଉଠାଯାଇ ଅସ୍ଥାୟୀ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଜୀବନ୍ୟାସ ସହ ମା'ଙ୍କ ଅନ୍ୟାନ୍ୟ ପୂଜାନୀତି ସମ୍ପନ୍ନ କରାଯିବ ବୋଲି ମୁଖ୍ୟ ପୁରୋହିତ ସନ୍ତୋଷ ମିଶ୍ର କହିଛନ୍ତି। ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟିର ସାଧୁ ନାୟକ ଓ ସରୋଜ ସାହୁ କହିଛନ୍ତି।

# ଦକ୍ଷିଣେଶ୍ୱରୀ କାଳୀଙ୍କ ରାଜରାଜେଶ୍ୱରୀ ବେଶ




ଦକ୍ଷିଣେଶ୍ୱରୀ କାଳୀ

ବ୍ରହ୍ମପୁର, ୧୦।୧୦(ନରସିଂହ ସାହୁ)

ଲାଞ୍ଜିପଲ୍ଲୀ ଦକ୍ଷିଣେଶ୍ୱରୀ କାଳୀ ପୀଠରେ ଗୁରୁବାର ମହାଷ୍ଟମୀ ପୂଜା ନୀତିକାନ୍ତି ପ୍ରକାରେ ଅନୁଷ୍ଠିତ ହୋଇଯାଇଛି। ମା' କାଳୀ ରାଜ ରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ। ପୀଠରେ ଚଣ୍ଡୀପାଠ, ଷୋଡ଼ଶ ଉପଚାର, ସନ୍ଧି ପୂଜା, ବଳି ପୂଜା ଓ ୧୦୮ ଆଳତି ସହ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥିଲା। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ପଦ୍ମଚରଣ ମହାପାତ୍ର, ଅଜିତ କୁମାର ପାଢ଼ୀ, କର୍ଣ୍ଣ ପାଢ଼ୀ ଓ ଅନୀଲ କୁମାର ପାଢ଼ୀ ପ୍ରମୁଖ ପଣ୍ଡିତମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନବରାତ୍ର ପୂଜା ଆରମ୍ଭରୁ ଚାଲିଥିବା ଯଜ୍ଞ ଶୁକ୍ରବାର ରାତ୍ର ପୂର୍ଣ୍ଣାହୁତି ଦିଆଯିବ ।

# ମହାଗୌରୀ ବେଶରେ ଦର୍ଶନ ଦେଲେ ତାରାତାରିଣୀ



ପୁରୁଷୋତ୍ତମପୁର, ୧୦।୧୦ (ସିମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରା ତାରିଣୀଙ୍କ ପୀଠରେ ଶନିବାର ମହାଷ୍ଟମୀ ପର୍ବ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ଭୋର ୪ଟା ୩୦ରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଅବକାଶ , ମାଜଣା, ମହା ଆଳତି, ୭ଟାରେ ସାହାଣ ମେଲା ହୋଇଥିଲା। ମା ତାରା ତାରିଣୀ ଦୁଇ ଭଉଣୀ ମହାଗୌରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହାପରେ ଚଣ୍ଡିପାଠ, ହୋମ, ଯଜ୍ଞ ଆରମ୍ଭ ହୋଇ ରାତ୍ରରେ ମହାଦୀପ ଉଠିଥିଲା। ସେବାୟତ ସଂଘ ସଭାପତି ତପନ କୁମାର ରଣା, ବାପୁଜୀ ରଣା, ଧୃବ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡି,ଏସଡିପିଓ ରଜନୀକାନ୍ତ ସାମଲ, ଥାନା ଆଇଆଇସି ବିପିନ ବିହାରୀ ହୋତାଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ।



ମହାଷ୍ଟମୀ ଅବସରରେ ଆସିକାର ଆରାଧ୍ୟା ମା' ଖମ୍ବେଶ୍ୱରୀଙ୍କ ସୁନାବେଶ।

# ବାଲୁଙ୍କେଶ୍ୱର ବିହାରରେ ଦୁର୍ଗାପୂଜା

ଆସିକା,୧୦।୧୦(ସୁରେନ୍ଦ୍ର ନାଥ ସାହୁ):

ଆସିକା କବିସୂର୍ଯ୍ୟନଗର ରାସ୍ତାର କୋଟିନଡା ଥାନା ସଂଲଗ୍ନ ବାଲୁଙ୍କେଶ୍ୱର ବିହାର ଠାରେ ମା' ଦୁର୍ଗାଙ୍କ ବିଂଶତମ ପୂଜା ଉତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି । ଏହି ପୂଜା ରବିବାର ଯାଏଁ ଚାଲିବ। ବୁଧବାର ଜଳଯାତ୍ରା ଓ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା ବେଳେ ବିଭିନ୍ନ ଦିବସରେ ସାଧୁ ସମ୍ମିଳନୀ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସାମାଜିକ କର୍ମୀ ବଂଶୀଧର ନାହାକଙ୍କ ନିଜସ୍ୱ ଉଦ୍ୟମରେ ପୂଜା ହେଉଥିବା ବେଳେ ଅଞ୍ଚଳବାସୀଙ୍କ ସହଯୋଗ ରହିଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ଗୋପାଳପୁର,୧୦।୧୦ (ନବୀନ ରାଜ ଆଚାରୀ):

ନାବାଳିକାକୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ମନ୍ତ୍ରୀଡି ଗ୍ରାମର ବଳରାମ ନାଇକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଗଷ୍ଟ ୧୯ ତାରିଖରେ ନାବାଳିକା ଘରେ ଏକୁଟିଆ ଥିବା ବେଳେ ବଳରାମ ପ୍ରଲୋଭିତ କରି ତାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ଭଉଣୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ବଳରାମ ନାବାଳିକାଙ୍କ ସହ ତାଙ୍କ ବଡ଼ ମା ଘରେ ଥିବା ଖବରପାଇ ପୋଲିସ ଟିମ ଗୁରୁବାର ସେଠାରେ ଚଢ଼ାଉ କରିଥିଲା। ନାବାଳିକାଙ୍କୁ ଉଦ୍ଧାର କରିବା ସହ ବଳରାମଙ୍କୁ କାବୁ କରିଥିଲା।

# ଉତ୍କଳମଣିଙ୍କ ଜୟନ୍ତୀରେ କୃତୀ ପ୍ରତିଯୋଗୀ ପୁରସ୍କୃତ




ରମ୍ଭା,୧୦।୧୦(ବନବାସୀ ସେଠୀ):

ସୁବଳୟା ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ପ୍ରବନ୍ଧ ପ୍ରତିଯୋଗିତା ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଭାର ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମୁଖ୍ୟଅତିଥି ଭାବେ ରମ୍ଭା ବନାଞ୍ଚଳ ବନ୍ୟପ୍ରାଣୀ ଅଧିକାରୀ ରଶ୍ମିତା କୁମାରୀ ଜେନା, ମୁଖ୍ୟବକ୍ତା ଭାବେ ହୁମା ସଲ୍ଟ କଲେଜ ଅଧ୍ୟକ୍ଷ ନିରଞ୍ଜନ ରଥ, ସମ୍ମାନିତ ଅତିଥି ରେଷ୍ଣୁଣ୍ଡ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱସ୍ତିକ ସୁନ୍ଦର ସିୟ, ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ, ଶିକ୍ଷାବିତ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବନପାଳ ବଳରାମ ସାହୁ, ଜ୍ୟୋତ୍ସ୍ନା ରାଣୀ ମହାପାତ୍ର ଓ ବନରକ୍ଷୀ ଭାନୁମତୀ ପ୍ରଧାନ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଅତିଥିମାନେ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତାରେ ଗଞ୍ଜାମ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୩୧ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ଅଲାଡ଼ିରେ ବାଲି ଉତ୍ତୋଳନକୁ ବିରୋଧ

ପୁରୁଷୋତ୍ତମପୁର,୧୦।୧୦(ସୀମାଞ୍ଚଳ ମିଶ୍ର):

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ପୁରୁଷୋତ୍ତମପୁର ଅଞ୍ଚଳରେ ପୁଣି ବାଲି ମାଫିଆମାନେ ସକ୍ରିୟ ହୋଇଛନ୍ତି। ବିନା ଦ୍ୱିଧାରେ ଋଷିକୁଲ୍ୟା ନଦୀର ବିଭିନ୍ନ ସ୍ଥାନରୁ ବାଲି ଉଠାଇବାରେ ଲାଗିପଡିଛନ୍ତି। ବାଲି ବିକିବା ଉଦ୍ଦେଶ୍ୟରେ କେଏନପୁର ପଞ୍ଚାୟତର ଅଲାଡି ଗାଁ ନିକଟ ଋଷିକୁଲ୍ୟା ନଦୀ ମଧ୍ୟରେ ରାସ୍ତା ନିର୍ମାଣ ଚାଲିଥିବା ବେଳେ ପ୍ରଶାସନ ଜଳକା ସାଜିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାହା ଅନୁମତିରେ ନଦୀ ମଧ୍ୟରେ ରାସ୍ତା ନିର୍ମାଣ କରାଯାଉଛି ଓ ଏଥିଲାଗି କିଏ ନିର୍ଦ୍ଦେଶ ଦେଇଛି, ପ୍ରଶାସନ କିପରି ଚୁପ ରହିଛି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ବାଲି ଉତ୍ତୋଳନକୁ ବିରୋଧ କରି ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଇଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଗ୍ରାମ ଠାରୁ ପ୍ରାୟ ୨୦ ମିଟର ଦୂରରେ ଋଷିକୁଲ୍ୟା



ଋଷିକୁଲ୍ୟା ନଦୀ ମଧ୍ୟରେ ରାସ୍ତା ନିର୍ମାଣ କରାଯାଉଛି ।

ନଦୀ ବହିଯାଇଛି। ନଦୀ ତଟ ନିକଟରେ ଜନବସତି ଅଛି। ବନ୍ୟା ଆସିଲେ ରାସ୍ତାକୁ ଲାଗି ପାଣି ପ୍ରବାହିତ ହେବା ସହ ବେଳେ ବେଳେ ଗ୍ରାମ ମଧ୍ୟକୁ ପାଣି ପଶି ଆସୁଛି। ତେଣୁ ନଦୀ ଗର୍ଭରେ ଅଲାଡିଗାଁଟି ଲୀନ ହେବା ଆଶଙ୍କା କରି ଜିଲା ପ୍ରଶାସନ ଓ ସରକାରଙ୍କ ଜଳସେଚନ ବିଭାଗ ବିଭିନ୍ନ ପଦକ୍ଷେପ ନେଇଥିଲେ ମଧ୍ୟ ଏଯାବତ ପ୍ରଶସ୍ତ ନଦୀପଠା ହୋଇପାରି ନାହିଁ। ଏଭଳି ପରିସ୍ଥିତିରେ ବର୍ତ୍ତମାନ ରାସ୍ତା ନିକଟ ନଦୀକୂଳରୁ ବାଲି ଉଠାଇବା ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରେ ବାଲିଘାଟ କଲେ ନଦୀକୂଳ ଗଭୀର ହୋଇ ବନ୍ୟା ସମୟରେ ଗ୍ରାମକୁ ପାଣି ପଶି ସମଗ୍ର ଗ୍ରାମ ପାଣିରେ ଭାସିଯିବାର ଆଶଙ୍କା ରହିଛି। ତେଣୁ ବାଲିଘାଟ କାର୍ଯ୍ୟ ବନ୍ଦକରି ଗ୍ରାମକୁ ସୁରକ୍ଷା ଲାଗି ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ବ୍ରହ୍ମପୁର ଖଣି ବିଭାଗୀୟ ଅଧିକାରୀ କିର୍ତ୍ତୀରଞ୍ଜନ ସେଠଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ ଅଲାଡ଼ି ଗାଁ ନିକଟରୁ ବାଲି ଉଠାଣ ଲାଗି କୌଣସି ଟେଣ୍ଡର ହୋଇନାହିଁ। ଘଟଣାସ୍ଥଳକୁ ଯାଇ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।







**ମହାସପ୍ତମୀରେ ମହାମାୟା:** ଗୋଦାବରୀଶ ନଗର ଓ ବିଜିପୁର | ଗାନ୍ଧୀନଗର | ପୁରୁଣା ବସ୍‌ଷ୍ଟାଣ୍ଡ | ପଟ୍ଟନାୟକ ରୋଡ୍

## ଗ୍ରାଚୁଇଟି ବୃଦ୍ଧିକୁ ସ୍ୱାଗତ, କମ୍ୟୁଟେଡ୍ ସମୟ ସୀମା କମାଇବା ଦାବି

ବ୍ରହ୍ମପୁର,୧୦।୧୦(ସ୍ୱାଧୀନ ଶେଖର ପାଢ଼ୀ)
ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ପାଇଁ ଗ୍ରାଚୁଇଟି ସୀମା ୧୫ରୁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି କରି ପିଛିଲା ଭାବେ ଜାନୁଆରୀ ୨୦୨୪ରୁ ଲାଗୁ କରିଥିବା ଯୋଗୁଁ ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ, ଗଞ୍ଜାମ ଶାଖା ତରଫରୁ ସ୍ୱାଗତ କରାଯାଇଛି। ହେଲେ ରାଜ୍ୟ ପେନସନ ଭୋଗୀ କର୍ମଚାରୀ ଅବସର ସମୟରେ କମ୍ୟୁଟେଡ ପେନସନ ଯୋଜନାରେ ଅର୍ଥ ରାଶି ଋଣ ଆକାରରେ ଆଣିଥାନ୍ତି । ଯାହା ସୁଧ ସହ ପ୍ରତିମାସର ପେନସନରୁ ଶୁଝିବାକୁ ପଡିଥାଏ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ଋଣକୁ ଅବସର ପରଠାରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଫେରସ୍ତ କରିବାକୁ ପଡିଥାଏ। କିନ୍ତୁ ହିସାବ କରି ଦେଖାଯାଇଛି ଆଣିଥିବା କମ୍ୟୁଟେଡ ରାଶି ସୁଧ ସହ ୧୦ ବର୍ଷ ୮ମାସରେ ପରିଶୋଧ ଯୋଗ୍ୟ ହେଉଛି।ଅବସର ପ୍ରାପ୍ତ କର୍ମଚାରୀ ଅଧିକ ପ୍ରାୟ ଚାରି ବର୍ଷ ଅର୍ଥ ନିଜ ପେନସନରୁ ଭରଣା କରିବାକୁ ପଡିଥାଏ। ଫଳରେ ତୃତୀୟ ଓ ଚତୁର୍ଥ ଶ୍ରେଣୀର ଅବସରପ୍ରାପ୍ତ କର୍ମଚାରୀ ମାନେ ଅଯଥା ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥାନ୍ତି। ଏ ସମ୍ପର୍କରେ ଓଡିଶାର ପୂର୍ବ ସରକାରଙ୍କୁ ରାଜ୍ୟ ସଂଗଠନ ତରଫରୁ ନିବେଦନ କରାଯାଇଥିଲେ ବି ସୁଫଳ ମିଳିନାହିଁ।ବର୍ତ୍ତମାନ ନୂତନ ସରକାର ଅବସରପ୍ରାପ୍ତ କର୍ମଚାରୀଙ୍କ ନ୍ୟାଯ୍ୟ ଦାବିକୁ ଗ୍ରହଣ କରି କମ୍ୟୁଟେଡ ଅର୍ଥ ରାଶି ୧୦ବର୍ଷ ମଧ୍ୟରେ ଭରଣା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବାକୁ ଓଡିଶା ସେବାନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଗଂଜାମ ଜିଲା ସଭାପତି କାମରାଜୁ ମହାରଣାଙ୍କ ସମେତ ସଂପାଦକ ପ୍ରଦୀପ କୁମାର ସାହୁ,ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା,ଦେବହରି ମହାନ୍ତି,ପିତବାସ ମହାପାତ୍ର, ସୁବାଷ ଚନ୍ଦ୍ର ମିଶ୍ର, ଉପେନ୍ଦ୍ର ନାୟକ, ବିଭୂତିଭୂଷଣ ଜେନା,ଶିକ୍ଷକ ମହାସଂଘ ସଂପାଦକ ଅଶୋକ କୁମାର ଦଳାଇ ,ରାଜ୍ୟ ସଂଗଠନର ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ପ୍ରମୁଖ ଦାବି କରିଛନ୍ତି।

# ଜିଲାରେ ୫୦ ହଜାର ଲୋକ ମାନସିକ ସମସ୍ୟାରେ ଆକ୍ରାନ୍ତ

**ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ**

ବ୍ରହ୍ମପୁର ,୧୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ)
ଜିଲା ସମନ୍ୱିତ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନିଶା ନିବାରଣ କେନ୍ଦ୍ର, ଗଞ୍ଜାମ ଆନୁକୁଲ୍ୟରେ ଗୁରୁବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଚଳିତ ବର୍ଷ ଏହି ଦିବସ ପାଳନର ବିଷୟବସ୍ତୁ ରହିଛି 'କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟର ପ୍ରାଥମିକତା'। ଏହି କାର୍ଯ୍ୟକ୍ରମ ସମନ୍ୱିତ ନିଶା ନିବାରଣ କେନ୍ଦ୍ରର ମାନସିକ ରୋଗ ବିଶେଷଜ୍ଞ ଡା. ବିଭୂକଲ୍ୟାଣ ସାହୁଙ୍କ ନେତୃତ୍ୱରେ ହୋଇଥିଲା। ସେ କହିଛନ୍ତି ଯେ, ସୁସ୍ଥ ମଣିଷ କହିଲେ ଉଭୟ ଶାରୀରିକ ଓ ମାନସିକ ସୁସ୍ଥତାକୁ ବୁଝାଏ। ମାତ୍ର ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଲୋକମାନେ ଶରୀର ଉପରେ ଅଧିକ ଧ୍ୟାନ ଦେଉଥିବା ବେଳେ ମାନସିକ ସୁସ୍ଥତା ଓ ମାନସିକ



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମଚାରୀ।

ରୋଗ ସମ୍ପର୍କରେ ଲୋକମାନଙ୍କ ଭିତରେ ସଚେତନତାର ଅଭାବ ରହିଛି। ଫଳରେ ଜିଲାରେ ମାନସିକ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। କେତେକ ଲୋକ ବେଳେ ବେଳେ ସାମାନ୍ୟ କଥାକୁ କେନ୍ଦ୍ରକରି ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛନ୍ତି। ଜିଲାରେ ଏବେ ୫୦ ହଜାରରୁ ଅଧିକ ଲୋକ ମାନସିକ ସମସ୍ୟାରେ ଆକ୍ରାନ୍ତ। ଚାକିରୀ ଚାଲିଯିବା, ଆର୍ଥିକ ସଙ୍କଟ, ରୋଗ ଭୟ ଯୋଗୁଁ ଅବସାଦ ବା ଡିପ୍ରେସନ, ଏନଜାଇଟି, ମାନସିକ ଛାନିଆ ରୋଗ ବା ପ୍ୟାନିକ ରୋଗ ଓ ଅନିଦ୍ରା ଆଦି ବୃଦ୍ଧି ପାଇବାରେ ଲାଗିଛି। ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦିର ବ୍ୟବହାର ବଢ଼ିଛି। ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ମାନସିକ ସଂଘର ମିଳିତ ଆନୁକୁଲ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖରେ ଏହି ଦିବସକୁ ପାଳନ କରାଯାଇଥାଏ। ବିଭିନ୍ନ ମାନସିକ ରୋଗର କାରଣ , ଲକ୍ଷଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଏହାର ଉଦ୍ଦେଶ୍ୟ ବୋଲି ଜିଲା ମୁଖ୍ୟ ଜନ ସ୍ୱାସ୍ଥ୍ୟଧିକାରୀ (ସିଡିଏମଓ) ଡା ସନ୍ତୋଷ ପାଢ଼ୀ କହିଛନ୍ତି। ଏମକେସିଜି ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଚନ୍ଦ୍ରଶେଖର ତ୍ରିପାଠୀ, ପୂର୍ବତନ ଜିଲା ଜନସ୍ୱାସ୍ଥ୍ୟଧିକାରୀ ଡା. ଆର. ଜଗଦୀଶ ପଟ୍ଟନାୟକ , ଜିଲା ସମନ୍ୱିତ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ନିଶା ନିବାରଣ କେନ୍ଦ୍ରର ପରିଚାଳକ ମନୋରଞ୍ଜନ ପରିଡା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ଗଉଞ୍ଜୁ ଠାକୁରାଣୀ ଯାତ୍ରା ଆରମ୍ଭ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ଉପକଣ୍ଠ ଗଉଞ୍ଜୁ ଗ୍ରାମରେ ମା'ପୁଲୁକେଶୁଣି ଯାତ୍ରା ଆରମ୍ଭ ହୋଇଛି। ପୁରୋହିତ କୃଷ୍ଣଚନ୍ଦ୍ର ପାଢ଼ୀ ଓ ପିତାମ୍ବର ପାଢ଼ୀ ପୂଜା କାର୍ଯ୍ୟ କରୁଛନ୍ତି। ବାଜାବାଜଣାରେ ମାଁଙ୍କୁ ଆବାହନ କରାଯାଇଛି। ପ୍ରତି ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଛି। ଗାଁ ଭ୍ରମଣ ପରେ ମାଁ ବିଳମ୍ବିତ ପ୍ରହରରେ ଅସ୍ଥାୟୀ ମଣ୍ଡପରେ ବିଜେକଲେ। ୩୦୦ ବର୍ଷ ଧରି ଏହି ଯାତ୍ରା ହେଉଛି। ୧୧ ଦିନ ଧରି ହେବାକୁ ଥିବା ଏହି ଯାତ୍ରାରେ ପ୍ରହଲ୍ଲାଦ ନାଟକ, ଦାସ କାଠିଆ,ଲକ୍ଷ୍ମୀ ମାନ ଭଞ୍ଜନ ଭଳି ଲୋକ ନୃତ୍ୟ ପରିବେଷିତ ହେବ। ସୋମେଶ୍ୱର



ନାଟ୍ୟ ସଂସଦ ର କେତେ ଦୁଃଖ ଦେବୁ କହ ଦଇବ ବିପିନ ଚନ୍ଦ୍ର ପାଢ଼ୀଙ୍କ ନିର୍ଦ୍ଦେସନାରେ ଅନୁଷ୍ଠିତ ହେବ। ଏଥି ସହିତ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ରଣା ଓ ପ୍ରଦୀପ ଚୌଧୁରୀଙ୍କ ମିଳିତ ନିର୍ଦ୍ଦେଶନାରେ ଅରବିନ୍ଦ ଯୁବକ ସଂଘ ଆଖିପାଖେ ଲୁହ ବନ୍ଧାପଡ଼ିଛି ପରିବେଷଣ କରିବେ। ପୁଲୁକେଶୁଣି ନାଟ୍ୟ ନିକେତନ ଦ୍ୱାରା 'ସେଇ ଗୋଟିଏ ଭୁଲ ପାଇଁ' ପରିବେଷଣ କରାଯିବ। ଏହାକୁ ସୁରେନ୍ଦ୍ରନାଥ ପାଣିଗ୍ରାହୀ ଓ ବଳରାମ ମହାରଣା ନିର୍ଦ୍ଦେଶନା ଦେଉଛନ୍ତି। ଆଶ୍ୱିନ ଶୁକ୍ଳ ସପ୍ତମୀରୁ କାର୍ତ୍ତିକ କୃଷ୍ଣ ତୃତୀୟା ପର୍ଯ୍ୟନ୍ତ ଯାତ୍ରା ଚାଲିବ ବୋଲି ଆୟୋଜକ କମିଟି କହିଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନାଧିକାରୀଙ୍କୁ ଫେରାଦ


ଗ୍ରାମବାସୀ ସଦର ଥାନାଧିକାରୀଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)
କଂଗ୍ରେସ ନେତା ରାଜେନ୍ଦ୍ର ରେଡି ହତ୍ୟା ଘଟଣାକୁ ନେଇ ଗୁରୁବାର ସାତପହଣ୍ଡିଆ ଗ୍ରାମର ଶତାଧିକ ମହିଳା ଓ ରେଡିକୁଳର ସଦସ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସଦର ଥାନାଧିକାରୀଙ୍କୁ ଫେରାଦ ହୋଇଛନ୍ତି। ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୬ ତାରିଖ କଂଗ୍ରେସ ନେତା ରାଜେନ୍ଦ୍ରଙ୍କୁ ହତ୍ୟା ହୋଇଥିଲା। ଏଥିରେ ଗ୍ରାମର କିଛି ଲୋକେ ସମ୍ପୃକ୍ତ ଥିବା ନେଇ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣକୁ ଅଟକ ରଖିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ବର୍ତ୍ତମାନ ସୁଦ୍ଧା ଗିରଫ ନ ହୋଇ ଆହୁରି ୪ ଜଣକୁ ମାରିବି ବୋଲି ଧମକ ଦେଉଛନ୍ତି। ଏଥିରେ ଭୟଭୀତ ହୋଇ ସୁରକ୍ଷା ଦାବିରେ ଗ୍ରାମବାସୀ ଥାନାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କମିଟି ସଦସ୍ୟ କେ.ଟୁନା ରେଡି, କେ ବାହାଲା ରେଡି (ଉପସଭାପତି), କେ.ଦେବେନ୍ଦ୍ର ରେଡି,କେ.ମୋନଜ ରେଡି, କେ.ଶ୍ୟାମ ସୁନ୍ଦର ରେଡିଙ୍କ ସମେତ ଝିଅ କେ ଝାନ୍ସୀରାଣୀ ରେଡି, କେ କ୍ରାଶ୍ୱନୀ ରେଡି ପ୍ରମୁଖ ବହୁ ମହିଳା ଉପସ୍ଥିତ ଥିଲେ।

# ଏମ୍‌କେସିଜି ରକ୍ତଭଣ୍ଡାରରେ ଦଲାଲ ସକ୍ରିୟ, ଜଣେ ଅଟକ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ)
ଏମକେସିଜି ରକ୍ତଭଣ୍ଡାରରେ ଦଲାଲି କରୁଥିବା ବ୍ୟାଙ୍କ କଲୋନୀ ଅଞ୍ଚଳର ଆମ୍ବୁଲାନ୍ସ ଚାଳକ ସୁଶାନ୍ତ ମହାନ୍ତୁଡଙ୍କୁ ପୋଲିସ କାବୁ କରିଛି। ଗଞ୍ଜାମ ଜିଲାର ଜଣେ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଖରାପରୁ ୨ ଦିନ ତଳେ ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ । ରକ୍ତ ଆବଶ୍ୟକ ବୋଲି ଡାକ୍ତର ଜଣାଇବା ପରେ ତାଙ୍କ ସମ୍ପର୍କୀୟମାନେ ଏମକେସିଜି ରକ୍ତଭଣ୍ଡାରକୁ ଯାଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ସୁଶାନ୍ତ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦେଖି ରକ୍ତ କରାଇଦେବେ, ଏଥିପାଇଁ ୩୫୦୦ ଟଙ୍କା ଦେବାକୁ ପଡିବ ବୋଲି ସେ ତାଙ୍କୁ କହିଥିଲେ। ପ୍ରାୟ ମାସେ ତଳେ ଏହି ରୋଗୀ ଜଣଙ୍କ ଏମକେସିଜିରେ ଚିକିତ୍ସିତ ହେଉଥିଲେ। ସେତେବେଳେ ତାଙ୍କୁ ରକ୍ତ ଆବଶ୍ୟକ ହୋଇଥିଲା । ସେହି ସମୟରେ ରୋଗୀଙ୍କ ସମ୍ପର୍କୀୟ ରକ୍ତ ନେବାକୁ ରକ୍ତଭଣ୍ଡାରକୁ ଆସିଥିବା ବେଳେ ସୁଶାନ୍ତ ସେମାନଙ୍କ ରକ୍ତ ଯୋଗାଡ କରି ଦେଇଥିଲେ । ସେତେବେଳେ ମଧ୍ୟ ସୁଶାନ୍ତ ତାଙ୍କ ଠାରୁ ୨ ହଜାରରୁ ଅଧିକ ଟଙ୍କା ନେଇଥିଲେ। ବର୍ତ୍ତମାନ ୩୫୦୦ ଟଙ୍କା ଦାବି କରିବାରୁ ରୋଗୀ ସମ୍ପର୍କୀୟ ଓ ସୁଶାନ୍ତଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସରକାର ରୋଗୀଙ୍କ ପାଇଁ ମାଗଣା ରକ୍ତ ବ୍ୟବସ୍ଥା କରିଥିବା ବେଳେ ରକ୍ତ ଅଭାବ ସମୟରେ ରକ୍ତଦାତା ଆଣିବା ପରେ ହିଁ ରୋଗୀଙ୍କୁ ରକ୍ତ ଦିଆଯାଉଛି। ହେଲେ ସୁଶାନ୍ତ ଏଠାରେ ରୋଗୀ ସମ୍ପର୍କୀୟଙ୍କୁ ରକ୍ତ ଦେବା ନାଁରେ ଅନେକ ଦିନ ହେବ ଦଲାଲି କରୁଛନ୍ତି । ରକ୍ତ ୟୁନିଟ ପିଛା ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି । ଯାହାକୁ ନେଇ ରୋଗୀ ସମ୍ପର୍କୀୟମାନେ ଏମକେସିଜି ରକ୍ତଭଣ୍ଡାର ଠାରେ ସୁଶାନ୍ତଙ୍କୁ ଅଟକ ରଖି ଏମକେସିଜି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସୁଶାନ୍ତଙ୍କୁ କାବୁ କରିବା ସହ ଫାଣ୍ଡିକୁ ନେଇଥିଲା।

## ବ୍ରହ୍ମପୁର ଜିଲା ଗଠନ ପାଇଁ ନୂଆ ସରକାରଙ୍କୁ ଜଣାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବ୍ରହ୍ମପୁର,୧୦।୧୦(ସ୍ମୃତିରଞ୍ଜନମହାଲିକ)
ବ୍ରହ୍ମପୁର ଜିଲା ଗଠନ ପ୍ରସଙ୍ଗରେ ସହରତଳି ଅଂଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଦାୟର ଜନ ସ୍ୱାର୍ଥ ମାମଲାର ବିଚାର କରି ହାଇକୋର୍ଟ କମିଟିକୁ ପୁଣି ଥରେ ନୂତନ ସରକାରଙ୍କୁ ଲିଖିତ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସରକାର ଏହା ଉପରେ ପଦକ୍ଷେପ ନେବାରେ ବିଫଳ ହେଲେ ପୁଣି ଥରେ କମିଟି କୋର୍ଟର ଦ୍ୱାରସ୍ଥ ହୋଇପାରିବ ବୋଲି କୋର୍ଟ କହିଥିବା କମିଟି କହିଛି। କମିଟି ପକ୍ଷରୁ କୁହାଯାଇଛି ଯେ, ଭୌଗୋଳିକ ପରିସୀମା ଓ ଜନସଂଖ୍ୟା ଦୃଷ୍ଟିରୁ ବ୍ରହ୍ମପୁର ଜିଲା ମାନ୍ୟତା ଯୋଗ୍ୟତା ରଖିଛି। ବିଜୁ ପଟ୍ଟନାୟକ ସରକାର ଅମଳରେ ନୂତନ ଜିଲା ଗଠନ ପାଇଁ କମିଟି ଗଠିତ ହୋଇଥିଲା। କମିଟି ବ୍ରହ୍ମପୁରକୁ ଜିଲା କରିବା ପାଇଁ ସୁପାରିସ କରିଥିଲେ। କିନ୍ତୁ ତତ୍କାଳୀନ ସରକାର ୧୩ ଜିଲାରୁ ବ୍ରହ୍ମପୁରକୁ ବାଦ ଦେଇ ୩୦ ଜିଲା କଲେ। ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବ ସରକାର ନୂତନ ଜିଲା ଗଠନ ଘୋଷଣା କରିଥିଲେ। ତାହା ବି ବିଫଳ ହୋଇଛି। ବର୍ତ୍ତମାନ ନୂତନ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ନୂତନ ଜିଲା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ବ୍ରହ୍ମପୁରର ବିକାଶ ହୋଇପାରିବ। ଏଣୁ ରାଜ୍ୟ ସରକାର ବ୍ରହ୍ମପୁରର ସ୍ୱାର୍ଥକୁ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ସକମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଦାବି କରିଛନ୍ତି। ନଚେତ ୩ ମାସ ପରେ କମିଟି ପୁଣି ଥରେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡିବ ବୋଲି ଚେତାବନୀ ଦେଇଛି।

## ବ୍ରହ୍ମପୁରରେ ପେପରଫ୍ରାଏର ନୂତନ ଷ୍ଟୋର

ଭୁବନେଶ୍ୱର,୧୦।୧୦(ଅଭୟ ଦାଶ): ଦେଶର ଅଗ୍ରଣୀ କମର୍ସ ଫର୍ନିଚର ଓ ହୋମ୍ ଗୁଡ୍‌ସ ବ୍ରାଣ୍ଡ ପେପରଫ୍ରାଏର ନୂତନ ଷ୍ଟୋର ନିକଟରେ ବ୍ରହ୍ମପୁରର ଗୋଦାବରୀଶ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏ ସମ୍ପର୍କରେ ପେପରଫ୍ରାଏର ମୁଖ୍ୟ ବ୍ୟବସାୟିକ ଅଧିକାରୀ ହୁସେନ କେସୁରୀ କହିଥିଲେ, ଆମେ ଆମର ନୂତନ ଷ୍ଟୋରର ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ବାଳକୃଷ୍ଣ ସାହୁଙ୍କ ସହଭାଗିତାରେ ଆମେ ଆମର ବ୍ରହ୍ମପୁର ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛୁ। ଆମେ ଆମର ଗ୍ରାହକଙ୍କୁ ଉପଯୁକ୍ତମାନର ସାମଗ୍ରୀ ଯୋଗାଇଦେବା ସହ ସେମାନଙ୍କ ପସନ୍ଦ ଓ ଆବଶ୍ୟକତା ଅନୁସାରେ ଉତ୍ପାଦ ଯୋଗାଇଦେବୁ। ସେହିଭଳି ପେପରଫ୍ରାଏର ଫ୍ରାଞ୍ଚାଇଜର ବାଳକୃଷ୍ଣ ସାହୁ କହିଥିଲେ, ପେପରଫ୍ରାଏ ସହ ସହଭାଗିତାକରି ଆମେ ବେଶ୍ ଉତ୍ସାହିତ ଅଛୁ। ପେପରଫ୍ରାଏ ଫ୍ରାଞ୍ଚାଇଜି ବ୍ୟବସାୟ ମଡେଲ ଅର୍ଡର ଉପରେ ଉପଯୁକ୍ତ ସାମଗ୍ରୀ ଯୋଗାଣ ଓ ବିକ୍ରିପର ସେବା ଯୋଗାଇ ଗ୍ରାହକଙ୍କ ନିକଟରେ ବିଶ୍ୱସ୍ତତା ଅର୍ଜନ କରିଛି। ଏହା ମଧ୍ୟ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସହାୟତା କରିବା ସହ ବଜାର ସହାୟତା ଯୋଗାଉଛି। ଏଠାରେ ୧୦୦୦ରୁ ଅଧିକ ହୋମ୍ ଡେକର ଓ ଫର୍ନିଚର ସାମଗ୍ରୀ ଉପଲବ୍ଧ ହେଉଛି। ଗ୍ରାହକମାନେ ସେମାନଙ୍କ ମନପସନ୍ଦର ସାମଗ୍ରୀ ଅର୍ଡର ଦେଇ ଏଠାରୁ ପାଇପାରିବେ। ଏପରିକି ସ୍ଥାନୀୟ ଗ୍ରାହକଙ୍କ ପାଇଁ ଏହି ଷ୍ଟୋର ବେଶ୍ ସହାୟକ ହେବ।

## ବଗଳାମୁଖୀ ପୀଠରେ ମହାଷ୍ଟମୀ



ବ୍ରହ୍ମପୁର ୧୦।୧୦ (ସୁବାସ ଚନ୍ଦ୍ର ପାଢ଼ୀ) ଗଞ୍ଜାମ ଜିଲା ଚିକିଟି ଲୋକନାଥପୁର ଶାସନ ଭୋଳାସିଙ୍ଗି ରୋଡ଼ରେ ପୁରାତନ କାଳରୁ ପୂଜା ପାଇ ଆସୁଥିବା ବଗଳାମୁଖୀଙ୍କ ପୀଠରେ ନବଦିନାତ୍ମକ ପୂଜା ମଧ୍ୟରୁ ଗୁରୁବାର ମହାଷ୍ଟମୀ ଭିଡ ହୋଇଛି। ନଅ ଦିନ ବ୍ୟାପୀ ପୀଠରେ ସୂର୍ଯ୍ୟପୂଜା, ମାଁଙ୍କ ପାର୍ଶ୍ୱ ବିଗ୍ରହ ପୂଜା, ମାଁଙ୍କୁ କ୍ଷୀର, ଦହି, ଘିଅ, ମହୁ, ଗଙ୍ଗାଜଳ, ଆଖୁରସ, ନବାତ, ପଞ୍ଚାମୃତ, ପଇଡରେ ମହାସ୍ନାନ କରାଯାଇ ପଟ୍ଟବସ୍ତ୍ର ପରିଧାନ କରାଯାଇଛି । ଷୋଡ଼ଶ ଉପଚାରରେ ପୂଜା କରାଯାଇ ହଳଦିଆ ପୁଷ୍ପ, ହଳଦୀ ଗଣ୍ଠି ଓ ହଳଦୀ ଚୁନରେ ମାଁଙ୍କର ସହସ୍ରାଚନ କରାଯିବ । ଚଣ୍ଡି ପାରାୟଣ, ବଗଳାଙ୍କ ମନ୍ତ୍ରରେ ପ୍ରତ୍ୟେକ ଦିନ ୧୦୦୮ ଆହୁତି ପ୍ରଦାନ ସହ ୧୦୮ ଆଳତି କରି ପୁଷ୍ପାଞ୍ଜଳି ପ୍ରଦାନ କରାଯିବ। ମଙ୍ଗଳ ମହାଗ୍ରହଙ୍କ ଇଷ୍ଟଦେବୀ ହୋଇଥିବାରୁ ବହୁ ବିପଦରୁ ମାଁ ଉଦ୍ଧାର କରନ୍ତି। ଲୋକନାଥପୁର ଶାସନ ପୂର୍ବଜ ମାନେ ଏହି ପୀଠରେ ପୂଜାକରି ଆସୁଥିଲେ । ଏହି ପୀଠର ନବୀକରଣ ହୋଇଛି। ରାଜ୍ୟ ଓ ଆନ୍ଧ୍ରରୁ ବହୁ ଶ୍ରଦ୍ଧାଳୁ ଆସୁଛନ୍ତି।

## ସୁନା ଦୋକାନରୁ ଚୋରି ଘଟଣା: ବର୍ଷକ ପରେ ମହିଳା ଗିରଫ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ):
ବଡବଜାର ଅଞ୍ଚଳରେ ଥିବା ଏକ ସୁନା ଦୋକାନରୁ ଗତ ନଭେମ୍ବର ମାସରେ ଏକ ଦାମୀ ହାର ଚୋରି ହୋଇଥିଲା। ପୋଲିସ ଏଥିରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ଦିଗପହଣ୍ଡିର ପୁଷ୍ପାଞ୍ଜଳି ଅଧିକାରୀ(୪୦)। ଗୁରୁବାର ମାମଲା ନଂ.୪୪୬/୨୩ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ପ୍ରେମନଗର ୫ମ ଲାଇନର୍ସ ରହୁଥିବା ପି. ଭଙ୍କେଟ ରାଓ ପାତ୍ରଙ୍କ ବଡ଼ବଜାରରେ ଏକ ସୁନା ଅଳଙ୍କାର ଦୋକାନ ରହିଛି । ୨୦୨୩ ନଭେମ୍ବର ୧୧ ତାରିଖରେ ଏହି ସୁନା ଦୋକାନକୁ ଅଭିଯୁକ୍ତ ପୁଷ୍ପାଞ୍ଜଳି ସୁନା ହାର କିଣିବାକୁଆସିଥିବା ବେଳେ କୌଶଳକ୍ରମେ ପ୍ରାୟ ୨୪ ଗ୍ରାମର ଏକ ରାଣୀ ହାର ଚୋରି କରି ନେଇଯାଇଥିଲେ। ରାତିରେ ଦୋକାନ ବନ୍ଦ କରିବା ବେଳେ ସୁନା ଗହଣା ଷ୍ଟକ ଯାଞ୍ଚ କରିବା ପରେ ଦୋକନରୁ ଏକ ରାଣୀ ହାର ଗାଏବ ଥିବା ଜଣାପଡିଥିଲା। ଦୋକାନ ମାଲିକ ଓ କର୍ମଚାରୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଯେଉଁ ମହିଳା ଜଣଙ୍କ ରାଣୀ ହାର ଦେଖାଇବା ପାଇଁ କହୁଥିଲେ ସେ ହିଁ ନେଇଯାଇଥିବା ଦେଖିବାକୁ ମିଳିଥିଲା। ସେନେଇ ମାଲିକ ଭେଙ୍କେଟ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବୁଧବାର ତାଙ୍କୁ ଠାବ କରିଥିଲା।

## ମହିଳାଙ୍କ ସୁନାଚେନ ଲୁଟ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଖୋଡାସିଂ ନିକଟ କଳିଙ୍ଗନଗର ଠାରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଛି । ଦୁଇଜଣ ଲୁଟେରା ତାଙ୍କୁ ଧକ୍କା ମାରି ସୁନା ହାର ଝମ୍ପି ନେଇଯାଇଛନ୍ତି। ଏନେଇ ତାଙ୍କ ସ୍ୱାମୀ ପ୍ରମୋଦ ଚନ୍ଦ୍ର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏସଂକ୍ରାନ୍ତରେ ନଂ.୪୫୯/୨୪ ରେ ଏକ ମାମଲା ରୁଜୁ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ଏକ ଦମ୍ପତି ନିଜ ଅଞ୍ଚଳରେ ସନ୍ଧ୍ୟା ଭ୍ରମଣରେ ଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମହିଳାଙ୍କ ବେକରୁ ଚେନ ଲୁଟ କରିବା ପରେ ଚମ୍ପଟ ମାରିଛନ୍ତି ।

## ରସାୟନ ବିଜ୍ଞାନ ବିଭାଗର ପୁରାତନ ଛାତ୍ର ସଂଘର ବୈଠକ

ବ୍ରହ୍ମପୁର,୧୦।୧୦(ସ୍ୱାଧୀନ ଶେଖର ପାଢ଼ୀ)
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ ପୁରାତନ ଛାତ୍ର ସଂଘର ବୈଠକ ହୋଇଛି। ଏଥିରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟନାରାୟଣ ସାହୁ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସଂଘ କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଡ ବିମଳ ପ୍ରସାଦ ସାହୁ, ଉପସଭାପତି ଭାବେ ଡ ରାଜକୁମାର ହୋତା, ସମ୍ପାଦକ ଡ ବିଭୂତି ଭୂଷଣ ପରିଡା, ସହ ସମ୍ପାଦକ ଡ ସୀମାଞ୍ଚଳ ଦାଶ, ଡ ପ୍ରଭାତୀ କୁମାରୀ ମହାପାତ୍ର ଏବଂ କୋଷାଧ୍ୟକ୍ଷ ଡ ରବିନାରାୟଣ ସାହୁଙ୍କୁ ଚୟନ କରାଯାଇଛି। ଡ ସନ୍ତୋଷ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ବିଜୟାଦଶମୀ ଉତ୍ସବ



ଆର୍‌ଏସ୍‌ଏସ୍ ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ବ୍ରହ୍ମପୁର,୧୦।୧୦(ସ୍ମୃତି ରଂଜନ ମହାଲିକ) ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ ତଥା ପବିତ୍ର ବିଜୟା ଦଶମୀ ଉତ୍ସବ ଗୁରୁବାର ପାଳିତ ହୋଇଛି । ମହାନଗରର ୪ଟି ସ୍ଥାନରୁ ୪ଟିପଥ ସଞ୍ଚାଳନ ବାହାରିଥିଲା । ଗୋସାଣୀ ନୂଆ ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, କୋର୍ଟପେଟା ଛକ ନିକଟ ଜଳସେଚନ ବିଭାଗ କାର୍ଯ୍ୟାଳୟ ଓ ଏମକେସିଜି ମେଡିକାଲ ପଡିଆରୁ ପଥ ସଞ୍ଚାଳନ ବାହାରି ସଭିଏଁ ଖଲିକୋଟ ବିଶ୍ୱବିଦ୍ୟାଳୟ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ଅନୁଷ୍ଠିତ ସଭାରେ ନିଯୁଦ୍ଧ, ଦଣ୍ଡ ଯୁଦ୍ଧ, ଯୋଗାସନ ଶାରୀରିକ ପ୍ରଦର୍ଶନ ହୋଇଥିଲା । ବିଶିଷ୍ଟ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଡକ୍ଟର୍ସ ଫୋରମ ସଭାପତି ଡା ଶଙ୍କର୍ଷଣ ପାତ୍ର ମୁଖ୍ୟ ଅତିଥି ଓ ଆରଏସଏସ ଓଡ଼ିଶା ପୂର୍ବପ୍ରାନ୍ତ କାର୍ଯ୍ୟବାହ ଡ ଅନିଲ କୁମାର ମିଶ୍ର ମୁଖ୍ୟ ବକ୍ତା ଥିଲେ। ସୁସ୍ଥ ରାଷ୍ଟ୍ର ସକାଶେ ସୁସ୍ଥ ସଂସ୍କୃତି ଓ ସୁସ୍ଥ ମାନସିକତା ଆବଶ୍ୟକ ବୋଲି ମୁଖ୍ୟ ଅତିଥି କହିଥିଲେ। ଆରଏସଏସ ଗଞ୍ଜାମ ବିଭାଗ ସଂଘଚାଳକ ତଥା ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ ଭଗବାନ ତ୍ରିପାଠୀ, ଜିଲା ସଂଘଚାଳକ ତଥା ଅବସରପ୍ରାପ୍ତ ହୋମିଓପାଥିକ କଲେଜ ଅଧ୍ୟକ୍ଷ ଡା ପ୍ରଶାନ୍ତ କୁମାର ପତି ଉପସ୍ଥିତ ଥିଲେ । ନଗର କାର୍ଯ୍ୟବାହ ସୁରେଶ ବିଷୋୟୀ ଅତିଥି ପରିଚୟ ଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୧୦।୧୦(ସୁବାସ ଚନ୍ଦ୍ର ପାଢ଼ୀ): ସଦର ଥାନା କୃପାସିନ୍ଧୁପୁର ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ମିତା ଦାସ(୩୦)। ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାର ଗୁରୁବାର ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ଅପରାହ୍ନରେ ମିତା ନିଜ ଶାଶୂଘରେ ଥିବା ବେଳେ କୌଣସି କାରଣକୁନେଇ ବିଷପାନ କରିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେ ଚିକିତ୍ସାଧୀନ ରହିଥିବା ବେଳେ ଡାକ୍ତରମାନେ ଗୁରୁବାର ତାଙ୍କର ମୃତ ଘୋଷଣା କରିଥିଲେ । ସଦର ଥାନା ପୋଲିସ ମୃତଦେହ ଜବତ କରିବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ହେବା ପରେ ପୋଲିସ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି ।

# ଜିଲାର ୧୫ କଲେଜରେ ଲାଗିବ ୱାଇଫାଇ

ବ୍ରହ୍ମପୁର,୧୦।୧୦(ସ୍ୱାଧୀନଶେଖରପାଢ଼ୀ)
ଜିଲାର ୧୫ କଲେଜରେ ୱାଇଫାଇ ବ୍ୟବସ୍ଥା କରିବା ନେଇ ଉଚ୍ଚ ଶିକ୍ଷା ବିଭାଗ ସୁବିଧା କରୁଛି। ବିଏସଏନଲ ଓ ଏକ ଘରୋଇ ସଂସ୍ଥା ସହ ମିଳିତ ଭାବେ ଏହି କାର୍ଯ୍ୟ କରାଯିବ ବୋଲି ଜଣାପଡିଛି। ବ୍ରହ୍ମପୁର ସମେତ ଜିଲାର କିଛି କଲେଜରେ ଏହା ଲଗାଇବା ଆରମ୍ଭ ହୋଇଯାଇଛି। କିଛିଦିନ ମଧ୍ୟରେ ବିଦ୍ୟାର୍ଥୀ ୱାଇଫଇର ସୁବିଧା ପାଇବେ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି। ଉନ୍ନତ ଜ୍ଞାନ କୌଶଳର ସୁବିଧା ସହ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦିନକୁ ଦିନ ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ବୈଷୟିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ସରକାର । ତେଣୁ କାର୍ଯ୍ୟାଳୟଠାରୁ ବିଦ୍ୟାଳୟ ସବୁଠି ସ୍ମାର୍ଟ ୱାଇଫାଇ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ବ୍ୟବହାର ପାଇଁ ଭିତ୍ତିଭୂମିର ଅଭାବ ହେତୁ ଏହା ଦୂରଗାମୀ ହେଇ ପାରିନି। ଏହାକୁ ଦୃଷ୍ଟିରେ ରଖି ଏବେ ଶିକ୍ଷା ବ୍ୟବସ୍ଥାରେ ଧୀରେ ଧୀରେ ଇଣ୍ଟରନେଟ ଓ ବୈଷୟିକ ଟେକ୍ନୋଲୋଜି ବ୍ୟବହାର କରି ଶିକ୍ଷା ବ୍ୟବସ୍ଥା ଓ ବିଦ୍ୟାର୍ଥୀଙ୍କ ଜ୍ଞାନ ଆରୋହଣ ଦକ୍ଷତା ବୃଦ୍ଧି କରିବାକୁଯାଇ ସାରା ରାଜ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଇଣ୍ଟରନେଟ ଓ ୱାଇଫାଇ ବ୍ୟବହାରକୁ ତ୍ୱରାନ୍ୱିତ କରୁଛି। ଫଳରେ କଲେଜ ଶିକ୍ଷା ସହ ବିଭିନ୍ନ ନୂଆ ଶୋଧ ଓ ଗବେଷଣା ଭିତ୍ତିକ ପାଠପଢାକୁ ଆଗକୁ ନେଇ ପାରିବେ। ଗଞ୍ଜାମ ଜିଲାରେ ବିଏସଏନଏଲ ପକ୍ଷରୁ ବିଭିନ୍ନ କଲେଜରେ କାର୍ଯ୍ୟ ଜାରି ରହିଛି। ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ସିଟି କଲେଜ, ମହାମାୟୀ ମହିଳା କଲେଜ, ଶଶୀଭୂଷଣରଥ ସରକାରୀ କଲେଜ, ବିନାୟକ ଆଚାର୍ଯ୍ୟ ସରକାରୀ କଲେଜ ସମେତ ଜିଲାର ୧୫ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ କଲେଜରେ ମାଗଣା ୱାଇଫାଇ ନିମନ୍ତେ କ୍ୟାମ୍ପସରେ କାର୍ଯ୍ୟ ଜାରି ରହିଛି। ସେହିପରି ଏହାର ବ୍ୟବହାର ପାଇଁ ମଧ୍ୟ କିଛି ନିୟମ ରହିଛି। ଏହାକୁ ଦୃଷ୍ଟିରେ ରଖି ଯୁକ୍ତ ୩ କଲେଜକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯାହାକୁ ନେଇ ଯୁକ୍ତ ୩ କଲେଜକୁ ୨ ବିଭାଗ ଯଥା ଟାଇପ ୧ ଓ ଟାଇପ ୨ କରାଯାଇଛି। ୨୦୦୦ ବିଦ୍ୟାର୍ଥୀରୁ କମ ଥିବା ମହାବିଦ୍ୟାଳୟ ଟାଇପ ୧ ରେ ଥିବାବେଳେ ଏଥିରେ ୧୦ଟି ମୋଡେମ ଲଗାଯିବ । ସେଥିମଧ୍ୟରୁ ଆଉଟଡୋରରେ ୮ଟି, ଇଣ୍ଡୋରରେ ୨ଟି ରହିବ। ସେହିପରି ୨୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଥିବା କଲେଜରେ ଟାଇପ ୨ରେ ଇଣ୍ଡୋରରେ ୪ଟି ଓ ଆଉଟ ଡୋରରେ ୧୦ଟି ମୋଡମ ଲାଗିବ ବୋଲି ସୂଚନା ମିଳିଛି। ପ୍ରତ୍ୟେକ ଦିନ ବିଦ୍ୟାର୍ଥୀ କେବଳ ୧ ଜିବି ଡାଟା ବ୍ୟବହାର କରି ପାରିବେ। ପ୍ରାୟ ସବୁ ପ୍ରସ୍ତାବିତ କଲେଜରେ ଏହାର ଇଂଷ୍ଟଲେସନ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ଥିବା ବେଳେ ଏହା ଖୁବଶୀଘ୍ର ଶୀଘ୍ର କାର୍ଯ୍ୟକ୍ଷମ ହେବ ।

